# ତହସିଲଦାର ଙ୍କ କାର୍ଯ୍ୟାଳୟ ମ.ରାମପୁର,ଜିଲ୍ଲା- କଳାହାଣ୍ଡି

ସଂଖ୍ୟା. ୧୪୭୬ / ତୌଜି            ତାରିଖ. ୦୩.୦୭.୨୦୨୦

ଲଘୁ ଖଣିଜ ଉତ୍ସର ଲିଜ ସକାଶେ ଇସ୍ତାହାର

-:ଜଉମୁଦ ଟେଣ୍ଡର ଆହ୍ଵାନ:-

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ମ.ରାମପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖଦାନ ଗୁଡିକ 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନସାରଣୀ ମୁତାବକ ତହସିଲଦାର, ମ.ରାମପୁର ଙ୍କ ଦ୍ୱାରା ନିଲାମ କରାଯିବ । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରୀ) ଠାରୁ ଆରମ୍ଭ ହେବ । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC Rule -2016** ମୁତାବକ **Form-M** ପୂରଣକରି ଏହାର ତିନିକିତା ନକଲ ସହ ନିମ୍ନ ଲିଖିତ ଦଲିଲ ସଲଗ୍ନ କରି **(sealed cover)** ବନ୍ଦ ଲଫାପା ରେ ମ.ରାମପୁର ତହସିଲ କାର୍ଯ୍ୟାଳୟ ରେ ତା. **04.07.2020** ଠାରୁ ତା. **17.07.2020** ରିଖ ଅପରାହ୍ନ ଘ. **5.00** ସୁଦ୍ଧା ଆବେଦନ କରିବେ । ପୃଥକ ସୈରାତ ଉତ୍ସ ପାଇଁ ପୃଥକ ଫାରମ୍ ରେ ଟେଣ୍ଡର ଦାଖଲ କରିବାକୁ ପଡିବ । ଫାରମ ଗୁଡିକ ମ.ରାମପୁର ତହସିଲ କାର୍ଯ୍ୟାଳୟ ର ନିଜାରତ ଶାଖାରେ ଥିବା ନିଲାମ ବକ୍ସ ରେ କାର୍ଯ୍ୟାଳୟ ନିର୍ଘଣ୍ଟ ସମୟରେ ପକାଇବେ କିମ୍ବା ରେଜିଷ୍ଟର୍ଡ / ସ୍ପିଡପୋଷ୍ଟ ଜରିଆରେ ଲଘୁଖଣିଜ ନିୟମ 2016 ର ଧାରା 27(4) ର ଅନୁସାରେ ସମସ୍ତ ଦଲିଲ ସଂଲଗ୍ନ କରି ଲିଜ ପାଇଁ ଧାର୍ଯ୍ୟ ତାରିଖ ମଧ୍ୟରେ ଅର୍ଥାତ ତା. **17.07.2020** ରିଖ ଅପରାହ୍ନ **5.00** ଘଣ୍ଟିକା ସୁଧା ତହସିଲ କାର୍ଯ୍ୟାଳୟ ରେ ପହଞ୍ଚିବା ଆବଶ୍ୟକ । ଉକ୍ତ ସମୟ ଅବଧି ପରେ କୌଣସି ଟେଣ୍ଡର ପେପର ଗ୍ରହଣୀୟ ନୁହେଁ । ଡାକ ଜନିତ ବିଳମ୍ବ ଯୋଗୁଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡର ପେପର ଭର୍ତି ହୋଇଥିବା ଲଫାପା ଉପରେ ଉତ୍ସ ନିଲାମ ପାଇଁ ଆବେଦନ କରୁଥିବା ଉତ୍ସ ର ନାମ ଲେଖା ରହିବା ଆବଶ୍ୟକ ଅଟେ । ତା. **18.07.2020** ରିଖ ପୂର୍ବାହ୍ନ **10.30** ଘଣ୍ଟିକା ସମୟ ରେ ତହସିଲଦାର, ମ.ରାମପୁର ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଟେଣ୍ଡର କମିଟି ଓ ଇଚ୍ଛୁକ ଆବେଦନକାରୀ କିମ୍ବା ତାଙ୍କର ପ୍ରତିନିଧି ଙ୍କ ଉପସ୍ଥିତି ରେ ଟେଣ୍ଡର ଖୋଲି ଯାଞ୍ଚ କରାଯିବ । କୌଣସି ଆବେଦନକାରୀ ଅସମ୍ପୂର୍ଣ୍ଣ ଫାରମ୍ କିମ୍ବା ଫାରମ୍ ସିହତ ଆବଶ୍ୟକିୟ କାଗଜାତ/ଦଲିଲ ସଂଲଗ୍ନ ନଥିଲେ ଗ୍ରହଣୀୟ/ବିଚାର ଯୋଗ୍ୟ ହେବ ନାହିଁ ।

ଦରଖାସ୍ତ କରିବାର ନିୟମାବଳୀ:-

1. ଦରଖାସ୍ତ ଫିଜ ସକାଶେ ଟ୍ରେଜେରୀ ଚାଲାଣ ଜରିଆରେ ଟ 1000/- ଙ୍କା (ଏକ ହଜାର ଟଙ୍କା) ପଇଠ କରି ଚାଲାଣ କପି ସଲଗ୍ନ କରିବେ ( ଫେରସ୍ତ ଦିଆଯିବ ନାହିଁ) । **Head of Account No. 0853-Non ferrous mining Metallurgical industries -102- mineral concession fees rents & royalties.**
2. ଦରଖାସ୍ତ ସହିତ ଇସ୍ତାହାର ରେ ସଂଲଗ୍ନିତ ଅନୁସୂଚି ରେ ଦର୍ଶାଯାଇଥିବା ଅର୍ଜିତ ରାଶି ( **EMD** ) ବ୍ୟାଙ୍କ ଡ୍ରାଫ୍ଟ ଆକାର ରେ ପଇଠ କରିବାକୁ ହେବ । ଯଦି ସଫଳ ନିଲାମ ଡକାଳି ହିସାବ ରେ ଲିଜ ପ୍ରସ୍ତାବ ଆଗ୍ରହ୍ୟ କରନ୍ତି ତେବେ ଉକ୍ତ ଅର୍ଜିତ ରାଶି ଫେରସ୍ତ ନହୋଇ ବାଜ୍ୟାପ୍ତିକରଣ କରି 2ୟ ସ୍ଥାନ ରେ ଥିବା ବ୍ୟକ୍ତି ଙ୍କୁ ଲିଜ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ ଏବଂ ଅସଫଳ ନିଲାମ ଡକାଳି ଙ୍କ ଅର୍ଜିତ ରାଶି ଫେରସ୍ତ କରାଯିବ । **EMD will be deposited in shape of Bank draft in favour of Tahasildar, M.Rampur payable at State Bank of India, M.Rampur Branch.**
3. ଆବେଦନ କରିଥିବା ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସଂଲଗ୍ନ କରିବା ଆବଶ୍ୟକ ଅଟେ ।
4. କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ଅବଶ୍ୟକ ।

ଅ.ପୃ.ଦେ

ତହସିଲଦାର
ମ.ରାମପୁର

5. ଆବେଦନ କରାଯାଇଥିବା ଲିଜ ଜମି / ସଂଲଗ୍ନ ରାସ୍ତା ଯଦି ରୟତି ହୋଇଥାଏ, ତେବେ ସେହି ଜମି ମାଲିକ ଙ୍କ ସହମତି ସମ୍ବନ୍ଧୀୟ କାଗଜାତ ସଂଲଗ୍ନ କରିବା ଆବଶ୍ୟକ ।

6. ଆବେଦନକାରୀ ଇସ୍ତାହାର ରେ ସଂଲଗ୍ନିତ ଅନୁସୂଚି ରେ ଦର୍ଶାଯାଇଥିବା ରାଶି ର ବ୍ୟାଙ୍କ ଗ୍ୟାରେଣ୍ଟି ( 18 Months validity) ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ (ରାଜସ୍ୱ ବିଭାଗ ଦ୍ୱାରା ପ୍ରାପ୍ତ ହୋଇଥିବା) ସଂଲଗ୍ନ କରିବା ଆବଶ୍ୟକ ।

7. ଅନ୍ୟ ବିବରଣୀ ଗୁଡିକ ଯଥା :- ବୈଷୟିକ ଜ୍ଞାନ, ଦକ୍ଷ୍ୟତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।

8. GST କ୍ଲିଏରେନ୍ସ ସାର୍ଟିଫିକେଟ ର ନକଲ ।

## ସର୍ତ୍ତାବଳୀ

1. ଆବେଦନ କାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ OMMC Rules-2016 ଓଏମଏମସି ରୁଲ 2016 ର ପରିସର ଭୁକ୍ତ ରହିବେ ।

2. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

3. ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

5. ସର୍ବୋଚ୍ଚ ଲିଜଧାରୀ ମାଇନିଙ୍ଗ ପ୍ଲାନ ତିଆରି ଖର୍ଚ୍ଚ ନିଜେ ପଇଠ କରିବେ ।

6. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥହେବ,ଉକ୍ତ ରାଶି Environment Clearance (ଏନଭିର୍ଣମେଣ୍ଟ କ୍ଲିଏରେନ୍ସ) ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତିପତ୍ର ( Execution of lease deed) ସମ୍ପାଦନ କରିବେ ।

7. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲାପରେ ସ୍ଥିର କରିଯିବ ।

8. ସର୍ବୋଚ୍ଚ ଲିଜ ଧାରୀ ମାଇନିଙ୍ଗ ପ୍ଲାନ ଏବଂ ଏନଭର୍ଣମେଣ୍ଟ କ୍ଲିଅରେନ୍ସ ବାବଦ ଖର୍ଚ୍ଚ ( ଫେରସ୍ତ ନୁହେଁ ) ଚୁକ୍ତିନାମା ସଂପାଦନ ପୂର୍ବରୁ ପଇଠ କରିବେ । ( **The selected bidder shall deposit the cost of obtaining the Mining plan and environmental clearance approvals, in case those have been obtained by the Competent Authority ( non-refundable) before executing the lease deed).**

9. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରିଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର 7 (ସାତ)ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ/ନଗଦ ଟଙ୍କା ଆକାରରେ ଜମା କରିପାରିବେ ।

10. ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବ୍ୟାଜାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିବ ।

11. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ Display Board (ଡିସପ୍ଲେ ବୋର୍ଡ) ତିଆରି କରି ସେଥିରେ ସୈରାତ ଉତ୍ସର ନାମ, ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏବଂ ଏସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

ଅ.ପୃ.ଦେ

୭/୪

ତହସିଲଦାର
ରାମପୁର

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠାଇପାରିବେ ନାହିଁ ।

13. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟର ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ପାଇପାରିବେ ।

14. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

15. ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଫାଇଲ କରୁଥିବା ସର୍ବାଧିକ ଅତିରିକ୍ତ ଦେୟ ( Additional Charge) ଘନ ମିଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।

16. ସର୍ବୋଚ୍ଚ ଅତିରିକ୍ତ ଦେୟ ( Additional Charge) ଘନ ମିଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ହେଲେ ତତ୍ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

17. ଯଦି ଦୁଇଜଣ ଆବେଦନକାରୀ ଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟରେ ଲିଜ ପଟ୍ଟାଦାର (leasee) ଚୟନ କରାଯିବ ।

18. ଯୋଗ୍ୟ ବିବେଚିତ ବ୍ୟକ୍ତି ବାଲି ଖାଦାନ ପାଇଁ ଘନମିଟର ପିଛା ନିର୍ଦ୍ଧାରିତ ରୟାଲଟି ଓ ଭୂମିପୃଷ୍ଠ ଖଜଣା (Surface rent) ବ୍ୟତୀତ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ଦର,ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଏବଂ ପରିବେଶ ଉନ୍ନୟନ ପାଣ୍ଠି ବାବଦ କୁ ପ୍ରତ୍ୟେକ ଆର୍ଥିକ ବର୍ଷ ପରିଚାଳନା ପୂର୍ବରୁ ଏକକାଳୀନ ପୈଠ କରିବାକୁ ହେବ ।

19. ଦରଖାସ୍ତରେ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ (Additional Charge)ସ୍ପଷ୍ଟ ଭାବ ରେ ଉଲ୍ଲେଖ ଥିବା ଆବଶ୍ୟକ ।

20. ସଫଳ ଆଦେଶିକ ସମୟସୀମା ମଧ୍ୟରେ ଅନୁମୋଦିତ ମାଇନିଙ୍ଗପ୍ଲାନ ଓ ଏନଭାଇରନମେଣ୍ଟ କ୍ଲିଏରେନ୍ସ ଦାଖଲ ପରେ ଲିଜ ପଞ୍ଜିକରଣ (Confirm) କରାଯିବ ଏବଂ ଲିଜ ଏଗ୍ରିମେଣ୍ଟ ଆସିବା ସହ ରୟାଲଟି କିମ୍ବା ଡେଡ୍ ରେଣ୍ଟ (Dead Rent) ଯେଉଁଟା ଅଧିକ, ଭୂମିପୃଷ୍ଠ ଖଜଣା (Surface Rent), ଅତିରିକ୍ତ ଦେୟ (Addl. Charge), ଜିଲ୍ଲା ଲଘୁ ଖଣିଜ ପାଣ୍ଠି (DMF), ପରିବେଶ ପରିଚାଳନା ପାଣ୍ଠି (EMF) ସହିତ ଆୟକର (Income Tax) ରୟାଲଟିର 2 ଶତାଂଶ ପଇଠ କରିବାକୁ ପଡିବ ।

21. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟ୍ରର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟର ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

22. ଟେଣ୍ଡର ପାଇଁ ବିଜ୍ଞାପନ ଖର୍ଚ୍ଚ ମାଇନିଙ୍ଗପ୍ଲାନ ଓ ପରିବେଶ ମଞ୍ଜୁରୀ ଖର୍ଚ୍ଚ ସଫଳ ନିଲାମଧାରୀ ମାନେ ବହନ କରିବେ ।

23. ସରକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର Form-M ଖାରଜ କରିଦିଆଯିବ ।

ଦ୍ରଷ୍ଟବ୍ୟ :- ଦୀର୍ଘମିଆଦୀ ସୂତ୍ରେ (5 ବର୍ଷ) ଦେବାକୁ ଥିବା ଖଣିଜ ଉତ୍ସ ର ଏକତାଲିକା ଏଥିରେ ଦିଆଯାଇଛି ।

ତହସିଲଦାର
ମ.ରାମପୁର

ଅ.ପୃ.ଦେ

୩/୪

## ଲଘୁ ଖଣିଜ ଉତ୍ସ (ବାଲି ଖାଦାନ) ର 5 ବର୍ଷିଆ ଲିଜ ନିମନ୍ତେ

## ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ

| କ୍ର. ନଂ | ବାଲି ଉତ୍ସର ନାମ | ମୌଜା | ଖାତା.ନଂ | ପ୍ଲ.ନଂ | କିସମ | ଲିଜ ରକବା (ଏକର ରେ) | ସର୍ବନିମ୍ନ ନିର୍ଦ୍ଧାରିତ ପରିମାଣ (MGQ in cm) | ଅତିରିକ୍ତ ଦେୟ (Additional Charges in Rs.) ପ୍ରତି ଘନ ମିଟର | ବ୍ୟାଙ୍କ ଗେରେଣ୍ଟି (in Rs.) | ଅର୍ଜିତ ରାଶି (EMD in Rs.) |
|---|---|---|---|---|---|---|---|---|---|---|
| 1 | ସାଲେପାଲି –ଆମ୍ବଗାଁ ବାଲିଘାଟ | ସାଲେପାଲି | 117 | 462 | ନଦୀ | 4.00 | 1200 | 30 /- | 78,000/- | 4000 /- |
| | | ଆମ୍ବଗାଁ | 190 | 1 | ନଦୀ | 0.50 | | | | |
| | | | | 17 | ନଦୀ | 3.80 | | | | |
| 2 | ଅର୍ଏଁଲାପାଲି ବାଲିଘାଟ | ଅର୍ଏଁଲାପାଲି | 173 | 607 | ନଦୀ | 2.47 | 559 | 30 /- | 36,335/- | 2000 /- |
| 3 | ଡମ୍ବକର୍ଲାଖୁଣ୍ଟା ବାଲିଘାଟ | ଡମ୍ବକର୍ଲାଖୁଣ୍ଟା | 91 | 181 | ନଦୀ | 3.00 | 607 | 30 /- | 39,455/- | 2000/- |
| 4 | ଢୁକେଡ ବାଲିଘାଟ | ଢୁକେଡ | 29 | 1 | ନଦୀ | 4.60 | 524 | 30 /- | 34,060/- | 2000/- |
| 5 | ଲାହାଡି ବାଲିଘାଟ | ଲାହାଡି | 20 | 348 | ନଦୀ | 12.00 | 800 | 30 /- | 52,000/- | 3000/- |
| 6 | ଜାର୍କା ବାଲିଘାଟ | ଜାର୍କା | 26 | 114 | ନଦୀ | 9.95 | 670 | 30 /- | 43,550/- | 3000/- |

[signature] ୦୩/୦୭/୨୦୨୦
ତହସିଲଦାର
ତହସିଲଦାର, ମ.ରାମପୁର

ପରିପତ୍ର ସଂଖ୍ୟା. ୧୪୭୭ / ତା. ୦୩.୦୭.୨୦୨୦

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ/ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ/ ମ.ରାମପୁର ଥାନା/ **S.D.O.** ଉଠା ଜଳସେଚନ ବିଭାଗ/ ସହକାରୀ ଯନ୍ତ୍ରୀ, **R & B** / ସହକାରୀ ଯନ୍ତ୍ରୀ, **R.D**, ମ.ରାମପୁର / ମ.ରାମପୁର ପଞ୍ଚାୟତ ସମିତି ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ / ମ.ରାମପୁର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଲଘୁ ଖଣିଜ ଉତ୍ସ ଥିବା ସମ୍ପୃକ୍ତ ଗ୍ରାମ ମାନଙ୍କର ପ୍ରମୁଖ ସ୍ଥାନରେ / ଉପଜିଲ୍ଲାପାଳ,ଭବାନୀପାଟଣା / ଜିଲ୍ଲାପାଳ (ତଉଜି ବିଭାଗ) କଳାହାଣ୍ଡି ଙ୍କ ଅବଗତି ଏବଂ ସୂଚନା ଫଳକ ରେ ଛାପିବା ନିମନ୍ତେ ପ୍ରେରଣ କରାଗଲା । ଓ ଜିଲ୍ଲା ୱେବସାଇଟରେ ପ୍ରକାଶନ ପାଇଁ **D.I.O, NIC** ଙ୍କୁ ପ୍ରେରଣ କରାଗଲା ।

[signature] ୦୩/୦୭/୨୦୨୦
ତହସିଲଦାର, ମ.ରାମପୁର
ତହସିଲଦାର
ମ.ରାମପୁର

୪/୪

१४१

# ତହସିଲଦାର ଙ୍କ କାର୍ଯ୍ୟାଳୟ ମ.ରାମପୁର,ଜିଲ୍ଲା- କଳାହାଣ୍ଡି

## ଲଘୁ ଖଣିଜ ଉତ୍ସ (ବାଲି ଖାଦାନ) ର 5 ବର୍ଷିଆ ଲିଜ ନିମନ୍ତେ

## ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା.୧୪୭୮/ଟୌଜି ତା.୦୩.୦୭.୨୦୨୦

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ ଗୁଡିକ ଟେଣ୍ଡର ମାଧ୍ୟମ ରେ ଦୀର୍ଘମିଆଦି ସୂତ୍ରେ 5 ବର୍ଷ ପାଇଁ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରୀ)ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମ ରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ ସଇରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ ୧୦୦୦/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା. ୦୪.୦୭.୨୦୨୦ ଠାରୁ ତା. ୧୭.୦୭.୨୦୨୦ରିଖ ଅପରାହ୍ନ ଘ. ୫.୦୦ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ତହସିଲ କାର୍ଯ୍ୟାଳୟର ନିଳାରତ ଶାଖାରେ ମିଳିପାରିବ । ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ଦହସିଲଦାର, ମ.ରାମପୁର ଙ୍କ କାର୍ଯ୍ୟାଳୟ ର ଚଉଜି ଶାଖା,ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **www.kalahandi.nic.in** ୱେବସାଇଟ ଲଗ୍‌ଅନ୍ କରନ୍ତୁ । ଏହି ଉତ୍ସ ଗୁଡିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସର ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀ ଙ୍କୁ କାରଣ ନଦର୍ଶାଇ ରଦ୍ଦ କରି ପାରିବେ ।

ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ

| କ୍ର.ନଂ | ବାଲି ଉତ୍ସର ନାମ | ମୌଜା | ଖାତା. ନଂ | ପ୍ଲ.ନଂ | କିସମ | ଲିଜ ରକବା(ଏକରରେ) |
|---|---|---|---|---|---|---|
| 1 | ସାଲେପାଲି –ଆମ୍ବଗାଁ ବାଲିଘାଟ | ସାଲେପାଲି | 117 | 462 | ନଦୀ | 4.00 |
| | | ଆମ୍ବଗାଁ | 190 | 1 | ନଦୀ | 0.50 |
| | | | | 17 | ନଦୀ | 3.80 |
| 2 | ଅଏଁଲାପାଲି ବାଲିଘାଟ | ଅଏଁଲାପାଲି | 173 | 607 | ନଦୀ | 2.47 |
| 3 | ଡମ୍ବକର୍ଲାଖୁଣ୍ଟା ବାଲିଘାଟ | ଡମ୍ବକର୍ଲାଖୁଣ୍ଟା | 91 | 181 | ନଦୀ | 3.00 |
| 4 | ଢୁକେଡ ବାଲିଘାଟ | ଢୁକେଡ | 29 | 1 | ନଦୀ | 4.60 |
| 5 | ଲାହାଡି ବାଲିଘାଟ | ଲାହାଡି | 20 | 348 | ନଦୀ | 12.00 |
| 6 | ଜାର୍କା ବାଲିଘାଟ | ଜାର୍କା | 26 | 114 | ନଦୀ | 9.95 |

ସ୍ୱା/-୦୩/୦୭/୨୦୨୦

ତହସିଲଦାର,ମ.ରାମପୁର

ତହସିଲଦାର

ମ.ରାମପୁର

ପରିପତ୍ର ସଂଖ୍ୟା.୧୪୭୯/ ତା. ୦୩.୦୭.୨୦୨୦

ଏହାର ଏକକିତା ନକଲ **D.I.O, N.I.C, Kalahandi** ନିକଟକୁ ଜିଲ୍ଲା ୱେବସାଇଟ ରେ ପ୍ରକାଶ କରିବା ପାଇଁ ଅନୁରୋଧ କରି ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ମ.ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ / ମ.ରାମପୁର ଥାନା ର ଅବଗତି ଏବଂ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ / ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ର ଅବଗତି ଏବଂ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଲଘୁ ଖଣିଜ ଉତ୍ସ ଥିବା ସମ୍ପୃକ୍ତ ଗ୍ରାମ ମାନଙ୍କର ପ୍ରମୁଖ ସ୍ଥାନରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ କଳାହାଣ୍ଡିଙ୍କ କାର୍ଯ୍ୟାଳୟ / ଉପଜିଲ୍ଲାପାଳ ଭବାନିପାଟଣା ଙ୍କ କାର୍ଯ୍ୟାଳୟ ର ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା/-୦୩/୦୭/୨୦୨୦

ତହସିଲଦାର,ମ.ରାମପୁର

ତହସିଲଦାର

ମ.ରାମପୁର